## ନାବାଳିକା ସୁନ୍ଦରଗଡରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ:** ଗତ ୨୫ତାରିଖରେ ଝାରସୁଗୁଡ଼ା ଜିଲା ବଡମାଲ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ୧୨୧/୨୧) ରୁଜୁ ହୋଇଥିଲା । ନାବାଳିକା ସୁନ୍ଦରଗଡରେ ଥିବା ଜଣାପଡିବା ପରେ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡା ମଙ୍ଗଳବାର ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ଏଥିରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସାଗର ମାଝି (୨୦)। ପୋଲିସ ତରଫରୁ ଉଭୟଙ୍କ ଡାକ୍ତରମାଇନା କରାଯାଇଛି। ଉଦ୍ଧାର ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନା କରି ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଛି ।

### ସଂକ୍ଷେପରେ

## ୧୦୦ ଡେଇଁଲା ପେଟ୍ରୋଲ

**ସମ୍ବଲପୁର/କୁତ୍ରା,୨୯।୬(ବ୍ୟୁରୋ/ ଡି.ଏନ୍.ଏ.):** ପେଟ୍ରୋଲ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଛି। ସମ୍ବଲପୁର ଓ ସୁନ୍ଦରଗଡ଼ରେ ମଙ୍ଗଳବାର ବିଭିନ୍ନ କମ୍ପାନୀର ପେଟ୍ରୋଲ ପମ୍ପରେ ଲିଟର ପିଛା ଦର ୧୦୦ ଟଙ୍କା ଡେଇଁଛି। ସମ୍ବଲପୁର ରିଜର୍ଭ ପୋଲିସ ନିକଟରେ ଥିବା ପମ୍ପରେ ପେଟ୍ରୋଲ ଲିଟର ୧୦୦ ଟଙ୍କା ୨୭ ପଇସା, ବୁଢ଼ାରାଜା ପମ୍ପରେ ୧୦୦ ଟଙ୍କା ୧୯ ପଇସା ରହିଥିଲା। ସୁନ୍ଦରଗଡ଼ ଜିଲା କୁତ୍ରା କିଷାନ ପେଟ୍ରୋଲ ପମ୍ପରେ ୧୦୦ ଟଙ୍କା ୮ ପଇସା, କୁତ୍ରା ଶ୍ୟାମ ପେଟ୍ରୋଲ ପମ୍ପରେ ୧୦୦ ଟଙ୍କା ୧୭ ପଇସା ଓ ରାଞ୍ଚିରୋଡ କୋଇରା ପେଟ୍ରୋଲ ପମ୍ପରେ ୧୦୦ ଟଙ୍କା ୧୯ ପଇସା ରହିଛି । ଉଭୟ ଜିଲାରେ ଏଭଳି ଦର ବୃଦ୍ଧି ହେବା ପ୍ରଥମ ଘଟଣା।

## ଦୁଇ ବିଭାଗର ସମନ୍ୱୟ ଅଭାବ

# ପାଣିରେ ପଡ଼ିଲା ୧୭ ଲକ୍ଷ

**ସମ୍ବଲପୁର,୨୯।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ହୀରାକୁଦରେ ପିଏଚ୍‌ଡି ଓ ମେନ୍ ଡ୍ୟାମ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏବେ ୧୭ ଲକ୍ଷ ଟଙ୍କା ପାଣିରେ ପଡିଥିବା ଚର୍ଚ୍ଚା ହେଉଛି। ମେନ୍ ଡ୍ୟାମ ପକ୍ଷରୁ ନିର୍ମାଣ ହୋଇଥିବା ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ଖୋଳାଯାଉଛି। ଏହାକୁ ସ୍ଥାନୀୟ ଲୋକମାନେ ବିରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ହୀରାକୁଦ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା । ଘଟଣାକୁ ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ଡ. ପ୍ରମୋଦ ରଥ ନିନ୍ଦା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଯଦି ପିଏଚ୍‌ଡି ପକ୍ଷରୁ ପାଇପ୍ ଲାଇନ ବିଛା କାମ କରିବାର ଥିଲା ତା'ହେଲେ ମେନ୍ ଡ୍ୟାମ ବିଭାଗ କାହିଁକି ରାସ୍ତା ନିର୍ମାଣ କରିଥିଲା। ଲୋକଙ୍କ ଯାତାୟାତ ସୁବିଧା ପାଇଁ ପ୍ରାୟ ୧୭ ଲକ୍ଷ ବ୍ୟୟରେ ଏକମାସ ହେଲା ଏହି କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ହେଲେ ପିଏଚ୍‌ଡି ପକ୍ଷରୁ ଜେସିବି ଲଗାଇ ଖୋଳାଯାଉଛି। ଏହା ସାଧାରଣ ଲୋକଙ୍କ ଟଙ୍କା। ତେଣୁ ମନଇଚ୍ଛା ଏଭଳି ଟଙ୍କା ବରବାଦ୍ କରିବା କୌଣସି ଅଧିକାରୀଙ୍କ ଅଧିକାର ନାହିଁ ବୋଲି ସେ କହିଥିଲେ।


ହୀରାକୁଦରେ କଂକ୍ରିଟ ରାସ୍ତାକୁ ଜେସିବି ଦ୍ୱାରା ଖୋଳାଯାଉଛି।

### ଜିଲା ଓକିଲ ସଂଘର ନିନ୍ଦା

## ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବିଧାୟକ


ଅନଶନସ୍ଥଳରେ ପହଞ୍ଚିଥିବା ବିଧାୟକ କିଶୋର ମହାନ୍ତି।

### ଦ୍ୱିତୀୟ ଦିନରେ ଏମ୍‌ସିଏଲ୍ ବିସ୍ଥାପିତଙ୍କ ଅନଶନ

**ଝାରସୁଗୁଡ଼ା ଅଫିସ,୨୯।୬**

୯ଦଫା ଦାବି ନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଚଳାଇଥିବା ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଅନଶନସ୍ଥଳରେ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ ଓ ବନହରପାଲି ଥାନା ଆଇଆଇସି ରଶ୍ମିତା ବେହେରା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ୯ଦଫା ଦାବି ମଧ୍ୟରେ ରହିଥିବା କଟ୍‌ଅଫ୍ ତାରିଖ ପରିବର୍ତ୍ତନ ଉପରେ ସେମାନେ ଜୋର୍ ଦେଇଥିଲେ। ଏ ନେଇ ତହସିଲଦାର କୌଣସି ନିଷ୍ପତ୍ତି ନେଇ ନ ପାରି ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ମଙ୍ଗଳବାର ଜିଲା ପରିଷଦ ସାମଲ ନାଏକ, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ପ୍ରଧାନ, ନାରୀନେତ୍ରୀ ପଦ୍ମିନୀ ସିଂ, କଂଗ୍ରେସ ବ୍ଲକ୍ ସଭାପତି ଲିଙ୍ଗରାଜ ବଡେଇ ପ୍ରମୁଖ ଉପସ୍ଥିତ ରହି ଏମ୍‌ସିଏଲ୍‌ର ବିସ୍ଥାପିତ ମାରଣନୀତିକୁ ସମାଲୋଚନା କରିଥିଲେ। ସେହିପରି ଅପରାହ୍ନରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଅନଶନସ୍ଥଳରେ ପହଞ୍ଚି ଏମ୍‌ସିଏଲ୍ ଓ ଜିଲା ପ୍ରଶାସନ ଉପରେ ବର୍ଷିଥିଲେ। କଟ୍‌ଅଫ୍ ତାରିଖ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ସେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ଆନ୍ଦୋଳନକୁ ସମର୍ଥନ ଜଣାଇ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଉପଦେଷ୍ଟା ଗୋପିନାଥ ମାଝି, ସରୋଜ ଛଞ୍ଚାଣ, ଗୋବିନ୍ଦ କରାଳୀ, ରାଜୁ ରୋହିଦାସ, ସୁରେଶ ସିଂ ପ୍ରମୁଖ ଉପସ୍ଥିତ ରହିଛନ୍ତି।

# ଏମ୍‌ସିଏଲ୍ ଅଫିସ ଘେରିଲେ ଠିକା ଶ୍ରମିକଙ୍କ ପରିବାର

**ଝାରସୁଗୁଡ଼ା ଅଫିସ,୨୯।୬**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ରରେ ନିୟୋଜିତ ଶାହା କୋଲ୍ ନାମକ ଠିକାସଂସ୍ଥାରେ ନିଯୁକ୍ତି ଦାବିକରି ଗତ ୨୧ତାରିଖରୁ ଶତାଧିକ ଠିକାଶ୍ରମିକ ଆନ୍ଦୋଳନ ଚଳାଇଛନ୍ତି। ୧ ସପ୍ତାହ ପରେ ମଧ କେହି ଶୁଣୁ ନ ଥିବାରୁ ଠିକାଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ସେମାନଙ୍କ ପରିବାର ଲଖନପୁର ଖୋଲାମୁହଁ କୋଇଲାଖଣି ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫଳରେ ପ୍ରକଳ୍ପ କାର୍ଯ୍ୟାଳୟ କାମ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ପ୍ରକଳ୍ପ କାର୍ଯ୍ୟାଳୟରେ ଏମ୍‌ସିଏଲ୍ ତରଫରୁ ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର କୁମାର ସିଂହ, ନୋଡାଲ ଅଧିକାରୀ (ଏଲ୍‌ଆଣ୍ଡ୍‌ଆର୍) ଡିଏନ୍ ଦେ, ମ୍ୟାନେଜର (ପିଆର୍) ଅରବିନ୍ଦ ଥିରୁନଗରୀ ଓ ଆନ୍ଦୋଳନକାରୀଙ୍କ ତରଫରୁ ଶ୍ରମିକନେତା ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ବୃନ୍ଦଦେବ ଭୁଏ, ନାଜିର ରାଜା ଖାନ୍, ୱାର୍ଡ ସଦସ୍ୟା ବେଲମତୀ ରାଉତ, ସରୋଜ ମାଝି, ପୁଷ୍ପାଞ୍ଜଳି ଭୋଇଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ନିଯୁକ୍ତି ନେଇ ଗତ ଫେବୃୟାରୀ ୨୬ରେ ଏକ ଚୁକ୍ତିନାମା ହୋଇଥିଲା। ଏଥିରେ ଉଲ୍ଲେଖ ରହିଥିଲା ନୂତନ ଭାବେ ଯେଉଁ ଠିକାସଂସ୍ଥା କମ୍ପାନୀରେ ନିୟୋଜିତ ହେବ ଏଥିରେ ସମ୍ପୃକ୍ତ ଠିକା ଶ୍ରମିକମାନେ ପୂର୍ବଭଳି ନିଯୁକ୍ତି ପାଇବେ । ଏହାକୁ ଖଣି କର୍ତ୍ତୃପକ୍ଷ ଓ ନୂତନ ଠିକାସଂସ୍ଥା ନ ମାନିବାରୁ ଠିକାଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଚୁକ୍ତିନାମାକୁ ଖଣି କର୍ତ୍ତୃପକ୍ଷ ମାନିନେଇ ସମ୍ପୃକ୍ତ ଠିକାଶ୍ରମିକଙ୍କୁ ପୁନଃନିଯୁକ୍ତି ପ୍ରଦାନ କରାଯିବ ବୋଲି ଆଉ ଏକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଏହା ପ୍ରକାଶ ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି ।


କୋଇଲାଖଣି ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଠିକାଶ୍ରମିକଙ୍କ ପରିବାର ଘେରାଉ କରଛନ୍ତି।

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**ସମ୍ବଲପୁର,୨୯।୬(ବ୍ୟୁରୋ)**

ମୋବାଇଲ ଚୋରି ଅଭିଯୋଗରେ ଜୁନ ୨୪ରେ ବୁର୍ଲା ଥାନା ମହତାବନଗର ଘରୁ ପୋଲିସ ପଚରାଉଚୁରା ପାଇଁ ବିଶାଳ କୁମ୍ଭାରଙ୍କୁ ଉଠାଇ ନେଇଥିଲା। ହେଲେ ଥାନାରେ ରଖି ତାଙ୍କୁ ମାନସିକ ନିର୍ଯାତନା ଦିଆଯାଇଥିଲା। ପରେ ଜୁନ ୨୬ରେ ତାଙ୍କୁ ହାଇୱେ ଲୁଟେରା ଦର୍ଶାଇ ଜେଲ ପଠାଇ ଦେଇଛି। ମଙ୍ଗଳବାର ବିଶାଳଙ୍କ ଖୁଡୀ ପ୍ରଭାସିନୀ କୁର୍ମୀ ଏସ୍‌ପିଙ୍କ ନିକଟରେ ଏହି ଅଭିଯୋଗ କରି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଅଭିଯୋଗ ଭିତ୍ତିହୀନ। ପୋଲିସ ମିଛ ମାମଲାରେ ଗିରଫ କରି ନାହିଁ ।

## ଗାଡ଼ିଆରେ ପଡ଼ି ୨ ଶିଶୁଙ୍କ ମୃତ୍ୟୁ

**ସମ୍ବଲପୁର,୨୯।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ବଡ଼ମାଳ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଡିଆରେ ବୁଡି ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅରୁଣ ବାରିକ (୬) ଓ ରାହୁଲ ସାହୁ (୫)। ସୂଚନା ଅନୁସାରେ ଏକ ପରିବାର ଗ୍ରାମ ନିକଟ ବଗିଚାକୁ କାମ କରିବାକୁ ଯାଇଥିବା ବେଳେ ଶିଶୁଦ୍ୱୟ ସେମାନଙ୍କ ସହ ଯାଇଥିଲେ। କୌଣସି କାରଣରୁ ଶିଶୁମାନେ ନିକଟରେ ଥିବା ଗାଡିଆରେ ବୁଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଗାଡିଆରୁ ସେମାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ।

## ସାପ କାମୁଡ଼ାରେ ମହିଳା ମୃତ

**ଲହୁଣୀପଡା,୨୯।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଝାରବେଡା ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜନ ମୁଣ୍ଡାଙ୍କ ସ୍ତ୍ରୀ ସୁକୁମନି (୩୫)। ସୋମବାର ସକାଳୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଘଟଣା ସମ୍ପର୍କରେ ପରିବାର ଲୋକ ଜାଣିବା ପରେ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ ମଧ୍ୟ ମୃତ୍ୟୁ ଘଟିଥିଲା।

# ଏମ୍‌ଏସ୍‌ପିରେ ଚିନାବାଦାମ କିଣିବ ମାର୍କଫେଡ୍

**ଦେବଗଡ଼,୨୯।୬ (ଡି.ଏନ୍.ଏ)**

କୃଷି ପ୍ରଧାନ ଦେବଗଡ଼ ଜିଲାରେ ବଜାର ସୁବିଧା ନ ଥିବାରୁ ଚାଷୀ ନିଜ କଷ୍ଟ ଉପାର୍ଜିତ ଫସଲର ଠିକ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଆସୁଥିଲା। ଫଳରେ ଜିଲାର ଚାଷୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇପାରୁ ନ ଥିଲା। ବିଶେଷକରି ଚିନାବାଦାମ ଚାଷୀ କମ ଦାମ୍‌ରେ ବିକି କ୍ଷତିର ସମ୍ମୁଖୀନ ହେଉଥିଲେ। ଏବେ ଦେବଗଡ଼ ଜିଲାର ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଚିନାବାଦାମ କିଣିବ ମାର୍କଫେଡ୍। ଜିଲାରେ ଆମ୍ବ, ଲିଚୁ, ତରଭୁଜ ଓ କମଳା ଭଳି ଋତୁକାଳିନ ଫସଲ ସମେତ ଧାନ, ପନିପରିବା ଓ ପିଆଜ ଫସଲ ଚାଷୀଙ୍କ ଆୟର ମୁଖ୍ୟ ସ୍ରୋତ। ମାତ୍ର ବଜାର ସୁବିଧା ନ ଥିବାରୁ ଚାଷୀ ଅଭାବୀ ବିକ୍ରି ସମସ୍ୟାରେ ପଡ଼ି ଘୋର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥାନ୍ତି। ଫଳରେ ଜିଲାର ଚାଷୀ ଡାଲି ଜାତୀୟ ଫସଲ ଚାଷ ପାଇଁ ସେତେଟା ଆଗ୍ରହ ପ୍ରକାଶ କରି ନ ଥାନ୍ତି। ତେବେ ଗତ କିଛିବର୍ଷ ଧରି ଜିଲାରେ ଚାଷୀ ମକା ଏବଂ ଚିନାବାଦାମ ଫସଲ କରି ଭଲ ଅମଳ କରୁଥିଲେ ମଧ୍ୟ ବଜାର ସମସ୍ୟା କାରଣରୁ ଫସଲର ଉଚିତ ମୂଲ୍ୟ ପାଇପାରୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଉଦ୍ୟମ କ୍ରମେ ଜିଲାରୁ ପ୍ରଥମ ଥର ପାଇଁ ମଙ୍ଗଳବାରଠାରୁ ମାର୍କଫେଡ଼ ସହାୟତାରେ ଚାଷୀଙ୍କଠାରୁ ଚିନାବାଦାମ କ୍ରୟ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ଜିଲାର ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସାମଲ ଫିତାକାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଙ୍ଗଳବାର ପ୍ରଥମ ଦିବସରେ ୧୨୦ ଚାଷୀ ସେମାନଙ୍କ ନାମ ପଞ୍ଜିକରଣ କରି କୁଇଣ୍ଟାଲ ପିଛା ୫୨୭୫ ଟଙ୍କାରେ ସେମାନଙ୍କ ଉପାର୍ଜିତ ଚିନାବାଦାମ ବିକ୍ରି କରିଥିଲେ। ପର୍ଯ୍ୟାୟ କ୍ରମେ ଜିଲାର ଅନ୍ୟ ବ୍ଲକଗୁଡିକରୁ ଚାଷୀଙ୍କ ଠାରୁ ଚିନାବାଦାମ କ୍ରୟ କରାଯିବା ଲକ୍ଷ୍ୟ ରଖା ଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟ ରେ ୨୦୦ମେଟ୍ରିକ ଟନ ଚିନାବାଦାମ କ୍ରୟ କରିବାକୁ ମାର୍କଫେଡ଼କୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୀବିକା ମିଶନର ସିଇଓ ସମ୍ମିତ ତ୍ରିପାଠୀ, ନିର୍ଦ୍ଦେଶକ ରତ୍ନାକର ତ୍ରିପାଠୀ, ମାର୍କଫେଡ଼ର ଆଞ୍ଚଳିକ ପରିଚାଳକ ପର୍ଶୁରାମ ପଣ୍ଡା,ଏଆରସିଏସ ନିମାଇଁ ନାଏକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମନୋଜ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ।


ଜିଲାପାଳ ସୁଧାଂଶୁ ମୋହନ ସାମଲ ଫିତାକାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ଡମ୍ଫର ପଛରେ ପିଟିଲା ଟ୍ରକ୍: ଡ୍ରାଇଭର ମୃତ

**ରାଜଗାଙ୍ଗପୁର,୨୯।୬(ଡି.ଏନ.ଏ):** ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୧୦ନଂ. ରାଜ୍ୟ ରାଜପଥ ଜାମପାଲିଠାରେ ଛିଡା ହୋଇଥିବା ଡମ୍ଫର ପଛ ପଟେ ଏକ ଟ୍ରକ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଟ୍ରକ ଡ୍ରାଇଭର ଆଫ୍‌ତାବ ଆଲାମଙ୍କ ମୃତ୍ୟୁ ହୋଇଥିବାବେଳେ ହେଲପର୍ କରମଚାନ୍ଦ ଯାଦବ ଗୁରୁତର ହୋଇଛନ୍ତି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଡ୍ରାଇଭର ଆଫ୍‌ତାବଙ୍କ ଘର ଛତିଶଗଡ଼ ବିଳାସପୁରରେ। ସନ୍ଧ୍ୟାରେ ଏକ ଡମ୍ଫର ନଂ. ଓଡି ୨୩ ବି–୯୮୮୮ ବ୍ରେକ ଡାଉନ୍ ଅବସ୍ଥାରେ ରାଜପଥରେ ଠିଆ ହୋଇଥିଲା। ଟ୍ରକ ନଂ. ସିଜି ୧୨ ଏୟୁ– ୯୪୮୫ କୋର୍ବାରୁ କୋଇଲା ବୋଝେଇ ହୋଇ ଆସୁଥିବାବେଳେ ଡମ୍ଫର ପଛପଟେ ଜୋରରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।




## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜ୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମ୍‌କୁମ, ସୁନାରୀ, ପିଚୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମ୍‌କୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଚୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜ୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜ୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଚୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଡେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଚୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜ୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଚୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜ୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଚୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଚୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜ୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡା, ଆମ୍ବ, ସିମାରୁବା, ଅର୍ଜ୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଚୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜ୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଚୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜ୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଗଡ଼


# ହୋମ୍‌ଗାର୍ଡଙ୍କ ଯୋଗୁ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ

**ଦେବଗଡ଼, ୨୯।୬ (ଡି.ଏନ୍.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ କଣ୍ଡଳ ଗ୍ରାମ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଦୁଇଟି କାଉଣ୍ଟରରେ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି। ଅନ୍ୟପକ୍ଷରେ ଘଟଣାର ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏ ନେଇ ଥାନାରେ ଅଭିଯୋଗ କରୁ ନ ଥିବା ଏବଂ ଭଙ୍ଗା ଏଟିଏମ୍ ସଜାଡୁ ନ ଥିବାରୁ ଗ୍ରାହକ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ କଣ୍ଡଳ ଗ୍ରାମ ୪୯ନମ୍ବର ଜାତୀୟ ରାଜପଥ କଡରେ ଥିବା ୟୁନିୟନ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କର ଦୁଇଟି ଏଟିଏମ୍ କାଉଣ୍ଟରରେ କେତେକ ଦୁର୍ବୃତ୍ତ ପଶି ଟଙ୍କା ଲୁଟ୍ ଉଦ୍ୟମ କରୁଥିଲେ। ମାତ୍ର ରାତ୍ରିକାଳୀନ ପହରା ଦେଉଥିବା ହୋମଗାର୍ଡଙ୍କୁ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଏନେଇ ଦେବଗଡ଼ ଥାନା ପୋଲିସ ସମ୍ପୃକ୍ତ ବ୍ୟାଙ୍କଗୁଡିକୁ ସୂଚନା ଦେବା ସହ କୌଣସି ଅଭିଯୋଗ ଦେବାକୁ କହିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ସେଥିପ୍ରତି ଆଗ୍ରହ ପ୍ରକାଶ ନ କରି ଚୁପ ରହିଛନ୍ତି। ଭଙ୍ଗା ଏଟିଏମ୍ ମଧ୍ୟ ସଜଡ଼ା ଯାଇପାରିନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଲୋକେ ଏଟିଏମ୍ ସୁବିଧାରୁ ବଞ୍ଚିତ ହୋଇ ଦୁଇ ଦିନ ଧରି ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି।

# ଶ୍ରମିକ ସଙ୍ଗଠନର ମିଳିତ ଧାରଣା

**ଟେନ୍‌ସା, ୨୯।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ଭାରତୀୟ ପ୍ରାଧିକରଣ ସଂସ୍ଥା ବରସୁଆଁ ଲୌହ ଖଣି (ସେଲ)ର ଶ୍ରମିକମାନେ ମଙ୍ଗଳବାର ଅଫିସ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିଛନ୍ତି। ମିଳିତ ଶ୍ରମିକ ସଙ୍ଗଠନମାନଙ୍କ କହିବା ଅନୁଯାୟୀ ଭାରତର ମହାରତ୍ନ କମ୍ପାନୀ ଭାବେ ବରସୁଆଁ ଲୌହ ଖଣି (ସେଲ) ରହିଥିବାବେଳେ ଗତ ୪ବର୍ଷ ହେଲା ଶ୍ରମିକମାନଙ୍କ ଦରମା ବୃଦ୍ଧି କରୁନାହାନ୍ତି। ସେଲ ଭଲ ଲାଭ କରୁଥିଲେ ମଧ ଶ୍ରମିକମାନଙ୍କ ପ୍ରତି ଅବହେଳା କରୁଛନ୍ତି। ଯାହା ପାଇଁ ଆଜି ଭାରତର ସମସ୍ତ ଶ୍ରମିକ ସଙ୍ଗଠନମାନେ ମିଳିତ ହୋଇ ଭାରତର ବିଭିନ୍ନ ସ୍ଥାନରେ ଥିବା ସେଲ ଅଫିସ ନିକଟରେ ଧାରଣାରେ ବସିଛନ୍ତି। ୮ଟି ଦାବି ପୂରଣ ନ ହେଲେ ଧାରଣରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ସେହିପରି ମଙ୍ଗଳବାର ବରସୁଆଁ ଲୌହ ଖଣି (ସେଲ)ପକ୍ଷରୁ ବଣାଇ ମଜଦୁର ସଂଘ, ରାଉରକେଲା ମଜଦୂର ସଭା, ସିଆଇଟିୟୁ, ରାଉରକେଲା ଶ୍ରମିକ ସଂଘର କେ.ସି ରାଉତ, କେ.ସି ପଣ୍ଡା, ଜଗନ୍ନାଥ ମଣ୍ଡଳ, ପବିତ୍ର ମୋହନ ବେହେରା, ରବିନାରାୟଣ ଷଡ଼ଙ୍ଗୀ, ସୁଦର୍ଶନ ପାତ୍ର, ଯଶୋବନ୍ତ ବେହେରା, ଜୋଲେନ ବାରା, ଶ୍ୟାମସୁନ୍ଦର ନାଗଙ୍କ ନେତୃତ୍ୱରେ ବରସୁଆଁ ଲୌହ ଖଣି (ସେଲ) ଅଫିସ ନିକଟରେ ଦରମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଧାରଣରେ ବସିଛନ୍ତି। ସୋମବାର କଳା ଦିବସ ପାଳନହୋଇ ଥିବାବେଳେ ମଙ୍ଗଳବାର ଧାରଣରେ ବସିଛନ୍ତି। ବୁଧବାର ଧର୍ମଘଟ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଏ ନେଇ ଆମେ ବରସୁଆଁ ଲୌହ ଖଣି (ସେଲ)କର୍ତ୍ତୃପକ୍ଷ ସିଜିଏମ ପି . କେ ରଥ, ପ୍ରଶାସନ ବିଭାଗର ମୁଖ୍ୟ ଜେ. ପି ମିଶ୍ର ଙ୍କୁ ପଚାରିବାରୁ ସେ କହିଲେ ଯେ, ଆମେ ଏ ନେଇ କଲିକତା ଅଫିସ ସମେତ ଦିଲ୍ଲୀ ଅଫିସ ସହିତ ଯୋଗାଯୋଗ ହେବା ସହ ଆଲୋଚନା ଜାରି ରହିଛି। ଖୁବଶୀଘ୍ର ସମାଧାନ ହୋଇଯିବ।



ବରସୁଆଁ ଲୌହ ଖଣି (ସେଲ)ର ଶ୍ରମିକମାନେ ଅଫିସ ମୁଖ୍ୟ ଫାଟକ ନିକଟରେ ଧାରଣାରେ ବସିଛନ୍ତି।

### ଦରମା ବୃଦ୍ଧି ସହ ବିଭିନ୍ନ ଦାବି ନେଇ ଆନ୍ଦୋଳନ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୩୦ ଜୁନ୍, ୨୦୨୧

## ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ବଙ୍ଗୋମୁଣ୍ଡାବାହାଲ ଗ୍ରାମରେ ଗତ ୨୬ତାରିଖ ରାତିରେ ଜନୈକା ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ପାଟଣାଗଡ ଥାନା ବରପିଟା ଗ୍ରାମର ପ୍ରକାଶ ବେହେରା ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ଘଟାଇବା ପରେ ଫେରାର ଅଭିଯୁକ୍ତଙ୍କୁ ବେଲପଡା ପୋଲିସ ବଲାଙ୍ଗୀରରୁ ଗିରଫ କରିଛି। ପ୍ରେମ ପ୍ରତ୍ୟାଖାନ କରିବାରୁ ଯୁବତୀଙ୍କୁ ଛୁରା ମାରିଥିବା ପ୍ରକାଶ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଏ ନେଇ ବେଲପଡା ଥାନାରେ ଏକ ମାମଲା(ନଂ. ୧୨୦/୨୧)ରଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି।



## ସଂକ୍ଷେପରେ

### ସେଲୁନ ଖୋଲିବା ପାଇଁ ଗାଇଡ୍‌ଲାଇନ ଦେବାକୁ ଦାବି

ଲାଠୋର,୨୯।୬(ଡି .ଏନ .ଏ.): କରୋନା ମହାମାରୀ ସମାଜର ସବୁବର୍ଗର ଜନସାଧାରଣଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ଏଥିରୁ ବାଦ୍ ପଡିନାହାନ୍ତି ସେଲୁନ ଦୋକାନୀ। ତେବେ କଟକଣା କୋହଳ ପରେ କେତେକ ଦୋକାନ ଖୋଲିଥିବା ବେଳେ ସେଲୁନ ଖୋଲିବାକୁ ଅନୁମତି ମିଳିନାହିଁ। ଏହି ପରିସ୍ଥିତିରେ ସେଲୁନ ଦୋକାନୀ ଚରମ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି। ସରକାର ସେଲୁନ ଖୋଲିବାକୁ ଗାଇଡ୍‌ଲାଇନ ଦିଅନ୍ତୁ, ନଚେତ ଆର୍ଥିକ ସହଯୋଗ କରନ୍ତୁ ବୋଲି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଭକ୍ତ ବାରିକ, ପ୍ରଦୀପ ବାରିକ, ଦିଲୀପ ବାରିକ, ବରୁଣ ବାରିକଙ୍କ ସହ ୧୫ଜଣ ସେଲୁନ ଦୋକାନୀ ଦାବି କରିଛନ୍ତି। ନିଜର କୌଳିକବୃତ୍ତିକୁ ଆଦରି ନେଇ ଲୋକଙ୍କ ଚୁଟି, ଦାଢ଼ି କାଟି ସେମାନେ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ କରୋନା ଯୋଗୁ ଦୀର୍ଘ ମାସ ହେବ ସେଲୁନ ବନ୍ଦ ରହିଛି। ସରକାର ଗାଇଡ୍‌ଲାଇନ ଜାରି କରି ବିଭିନ୍ନ ଦୋକାନ, ବଜାର, ହୋଟେଲ, ମଲ୍ ଇତ୍ୟାଦି ଖୋଲିଥିବା ବେଳେ ସେଲୁନ ଦୋକାନୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଫଳରେ ସେମାନେ ରୋଜଗାର ହରାଇ ପରିବାର ପ୍ରତିପୋଷଣରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେତେଦିନ ପର୍ଯ୍ୟନ୍ତ ସେଲୁନ ନ ଖୋଲିଛି ସେତେଦିନ ଯାଏ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଲଖିନା-ଜାମସେଠ ରାସ୍ତା ପ୍ରଶସ୍ତୀକରଣ ଦାବି ତେଜିଲା

ନୂଆପଡା ଅଫିସ,୨୯।୬: ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଲଖିନା-ଜାମସେଠ ୧୫ କିଲୋମିଟର ରାସ୍ତାକୁ ପ୍ରଶସ୍ତୀକରଣ କରିବାକୁ ବହୁବାର ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଜିଲାର ସୀମାନ୍ତରେ ଏହି ରାସ୍ତା ଥିବାରୁ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲଖନାଠାରୁ ବଣକିମହୁଲ ଗାଁ ପରେ ନୂଆପଡା ଜିଲା ସୀମା ଶେଷ ହେଉଛି। ଏହାପରେ ବରଗଡ ଜିଲାର ପାଇକମାଲ ବ୍ଲକ ଜାମସେଠ, ଛିନ୍ଦେଇକେଲା ଗାଁ ପଡିଥାଏ। ଏହି ରାସ୍ତା ବର୍ତ୍ତମାନ ବଡ ବଡ ଖାଲଖମାରେ ପରିଣତ ହୋଇଛି। ଦୁଇ ଜିଲାର ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ଦୃଷ୍ଟି ଦେଲେ ଏହି ରାସ୍ତା ନିର୍ମାଣ ହୋଇପାରନ୍ତା। ଏହି ରାସ୍ତା ନିର୍ମାଣ ହେଲେ ରାଉରକେଲାରୁ କୋରାପୁଟ ଜିଲା ଚାନ୍ଦଲି ପର୍ଯ୍ୟନ୍ତ ଯାଇଥିବା ବିଜୁ ଏକପ୍ରେସ୍ ଫୋର ୱେର ସହିତ ଜାମସେଠରେ ସଂଯୋଗ ହେବ। ଫଳରେ ଲୋକେ ସୁବିଧାରେ ଯାତାୟାତ କରିପାରିବେ। ସେହିପରି ଉକ୍ତ ରାସ୍ତା ଦେଇ ନୃସିଂହନାଥ, ବରଗଡ ଦେଇ ରାଜଧାନୀକୁ ସଂଯୋଗ କରୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାସ୍ତାକୁ ଶୀଘ୍ର ପ୍ରଶସ୍ତୀକରଣ କରିବା ପାଇଁ ଶୁଭ୍ରଜ୍ୟୋତି ସାହୁ, ଶୋଭାଲାଲ ବାରିକ, ପ୍ରେମଲାଲ ତାଣ୍ଡି, ମହେନ୍ଦ୍ର ରଣା, ଅର୍ଜ୍ଜୁନ ମାଝି ପ୍ରମୁଖ ଦାବି କରିଛନ୍ତି।

### ସରକାରୀ ଜମି ବିକ୍ରି ଅଭିଯୋଗର କାର୍ଯ୍ୟାନୁଷ୍ଠାନ ହେଉନି

ଲାଠୋର,୨୯।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅନ୍ତର୍ଗତ ଜଲପାଙ୍କେଲ ଗ୍ରାମ ନିକଟରେ ଥିବା ସରକାରୀ ଜମିକୁ କେତେଜଣ ଲୋକ ବିକ୍ରି କରୁଛନ୍ତି। ଏ ନେଇ ଗତ ୨୧ତାରିଖରେ ସ୍ଥାନୀୟ ଡାଇଜ ଯୁବ ଅନୁଷ୍ଠାନ ସଦସ୍ୟମାନେ ଖପ୍ରାଖୋଲ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତହସିଲଦାର। ହେଲେ ଇତିମଧ୍ୟରେ ୭ଦିନ ବିତିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏଣୁ ଜମି କେଳେଙ୍କାରୀଙ୍କୁ ଜାଣିଶୁଣି ରାଜସ୍ୱ ବିଭାଗ ସୁରକ୍ଷା ଦେଉଥିବା ଡାଇଜ ଯୁବ ଅନୁଷ୍ଠାନ ଅଭିଯୋଗ କରିଛି। ସୂଚନା ଅନୁସାରେ ଜଲପାଙ୍କେଲ ଗ୍ରାମ ମୁଣ୍ଡରେ ନିର୍ମାଣାଧୀନ ଥାନା କୋଠା ପାଖାପାଖି ପ୍ରାୟ ୨୦ଏକର ସରକାରୀ ଜମି ରହିଛି। କେତେକ ବ୍ୟକ୍ତ ନିଜ ଜମି କହି ଏଥିରୁ କିଛି ଅଂଶ ବିକ୍ରୟ କରିଛନ୍ତି। ଅନ୍ୟ କେତେଜଣ ଏହି ଜମିକୁ ଜବରଦଖଲ କରି ଦୋକାନ ଘର କରିଛନ୍ତି। ଭୂମିହୀନ ପରିବାରକୁ ଜମି ମିଳୁ ନ ଥିଲାବେଳେ କେତେକ ମୁଷ୍ଟିମେୟଙ୍କ ବେଆଇନ ଜବରଦଖଲକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ତହସିଲଦାର ଧୀରଜ କୁମାର ପାତ୍ରଙ୍କୁ ପଚାରିବାରୁ ଆମେ କାହାକୁ ସୁରକ୍ଷା ଦେଉ ନାହୁଁ। ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିଲା ପରେ ପଦକ୍ଷେପ ଗ୍ରହଣ କରାଯିବ।

# ହିତାଧିକାରୀଙ୍କ ୭ଲକ୍ଷରୁ ଊର୍ଦ୍ଧ୍ୱ ହଡ଼ପ


ଗିରଫ ସଞ୍ଜୀବ କୁମାର ଦାସ।

**ଆବାସ ଯୋଜନାରେ ଚଞ୍ଚକତା**
■ଜିଓ ଟ୍ୟାଗ୍ କର୍ମଚାରୀ ଗିରଫ

ଭବାନୀପାଟଣା/କୋକସରା, ୨୯।୬(ସ୍ୱ.ପ୍ର./ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତରେ କାର୍ଯ୍ୟ କରୁଥିବା ଜିଓ ଟ୍ୟାଗ୍ କର୍ମଚାରୀ ସଞ୍ଜୀବ କୁମାର ଦାସ ୬ଜଣ ହିତାଧିକାରୀଙ୍କ ନାମରେ ଆବାସ ଯୋଜନାରେ ଆସିଥିବା ଟଙ୍କାକୁ ହଡପ କରିଥିବା ଅଭିଯୋଗ ଆସିଛି। ଏ ନେଇ ବିଡ଼ିଓଙ୍କ ଏତଲା ପରେ ପୋଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି।

ଗରିବ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ତେବେ ବଡ଼ପୋଡ଼ାଗୁଡା ପଞ୍ଚାୟତର ଜିଓ ଟ୍ୟାଗ୍ କର୍ମଚାରୀ ସଞ୍ଜୀବ ଏହି ପଞ୍ଚାୟତ ଅଧୀନ ରଏନଗୁଡା ଗ୍ରାମର ପଦ୍ମା ନାଏକ, ଜଗନ୍ନାଥ ଦାସ, ବଡପୋଡ଼ାଗୁଡା ଗ୍ରାମର ଧନଞ୍ଜୟ ନାଏକ, ସୁମତି ନାଏକ, ମନ୍ଦାର ବେଓ୍ୱା ଓ ମରୁଆ ଧଙ୍ଗଡା ମାଝୀଙ୍କ ନାମରେ ଆସିଥିବା ଆବାସ ଯୋଜନାର ୭ ଲକ୍ଷ ୮୦ହଜାର ଟଙ୍କା ଚଞ୍ଚକତା କରି ହଡପ କରିଥିବା ଜଣାପଡ଼ିଛି। ବିଭିନ୍ନ ପର୍ଯ୍ୟାୟରେ ସେ ଏହି ହିତାଧିକାରୀମାନଙ୍କ ଘର ନିର୍ମାଣ ସମୟରେ କିସ୍ତିରେ ମିଳୁଥିବା ଟଙ୍କା ଜମାଖାତାରେ ଟ୍ରାନ୍ସଫର କରିଥିଲେ। ଜିଓଟ୍ୟାଗ୍ କର୍ମଚାରୀ ଜଣକ ନିଜ ନାମରେ ଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟ, ନିଜ ବାପାଙ୍କ ଆକାଉଣ୍ଟ, କାଉଡୋଲା ଗ୍ରାମର ଜଣେ ଯୁବତୀ ଓ ଅନ୍ୟ ୨ଜଣଙ୍କ ଆକାଉଣ୍ଟରେ ୬ ଜଣ ହିତାଧିକାରୀଙ୍କ ଟଙ୍କାକୁ ଟ୍ରାନ୍ସଫର କରିଥିବା ସୂଚନା ମିଳିଛି। ଏହି ଦୁର୍ନୀତି ସମ୍ପର୍କରେ ବିଡ଼ିଓଙ୍କ ନିକଟରେ ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ତଦନ୍ତ କରିବାରୁ ଅନିୟମିତତା ଜଣାପଡିଥିଲା। କୋକସରା ବିଡ଼ିଓ ମନୀଷା ଦାସ ଏନେଇ ଜିଲା ପ୍ରଶାସନକୁ ଜଣାଇବା ସହ ସୋମବାର ସଂପୃକ୍ତ ଜିଓ ଟ୍ୟାଗ୍ କର୍ମଚାରୀଙ୍କ ନାମରେ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ବଡ଼ପୋଡ଼ାଗୁଡା ଗ୍ରାମର ଜିଓ ଟ୍ୟାଗ୍ କର୍ମଚାରୀ ସଞ୍ଜୀବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆମପାଣି ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ତାଙ୍କ ନାମରେ ଥାନାରେ ଠକାମି ମାମଲା (ନଂ .୫୫/୨୧) ରୁଜୁ ହୋଇଛି। ଏ ନେଇ ବିଡ଼ିଓ ଦାସଙ୍କ ପ୍ରତିକ୍ରିୟା ନେବାରେ କହିଥିଲେ ଯେ, ତାଙ୍କ ନାମରେ ଅଭିଯୋଗ ଆସିଥିଲା। ତଦନ୍ତରୁ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ସ୍ପଷ୍ଟ ହେବା ପରେ ଜିଓ ଟ୍ୟାଗ୍ କର୍ମଚାରୀଙ୍କ ନାମରେ ଥାନାରେ ଏତଲା ଦିଆଯିବା ସହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ତେବେ ଏହି ଜାଲିଆତି ସମ୍ପର୍କରେ ପଞ୍ଚାୟତ କର୍ମଚାରୀ ଓ ବ୍ଲକର ଡାଟା ଅପଲୋଡ଼ କରୁଥିବା କର୍ମଚାରୀ କେମିତି ଜାଣି ପାରିଲେ ନାହିଁ ତାହା ସନ୍ଦେହ ଘେରରେ ରହିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡ କିଏ ତାହାକୁ ନେଇ ଖୋଳତାଡ ଚାଲିଛି।

## ଅର୍ଥ ସାଜିଛି ବାଧକ: ହୋଇପାରୁନି ଭାନୁଙ୍କ ଅପରେଶନ


ବୃଦ୍ଧ ମାତା ପିତାଙ୍କ ସହ ଭାନୁ ମାଝି।

ପାଇକମାଲ,୨୯।୬ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଲ ବ୍ଲକ ବରତୁଣ୍ଡା ପଞ୍ଚାୟତ ଖପିରିଡିହି ଗ୍ରାମର ଯୁବକ ଭାନୁ ମାଝୀ (୨୪) ଗତ ନଭେମ୍ବର ୨୭ ତାରିଖରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡର ହାଡ ଖଣ୍ଡ ଖଣ୍ଡ ହୋଇ ଯାଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ପଦ୍ମପୁର ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ତେବେ ଅର୍ଥାଭାବରୁ ଅପରେଶନ କରି ନ ପାରି ଘରକୁ ଫେରାଇ ଆଣିଥିଲେ। ଫଳରେ ୬ ମାସ ହେଲା ଭାନୁ ଘରେ ଶଯ୍ୟାଶାୟୀ ଅଛନ୍ତି। ଘରେ ମା’ ବାପା ପରିଣତ ବୟସରେ ଉପନୀତ। ତେଣୁ ଭାନୁ ଏହି ବୃଦ୍ଧ ଦମ୍ପତିଙ୍କ ଉପରେ ବୋଝ ହୋଇଛନ୍ତି। ରୋଜଗାର ନ ଥିବାରୁ ଓଳିଏ ଖାଇ ଓଳିଏ ଉପାସରେ ବଞ୍ଚୁଛନ୍ତି ଏହି ପରିବାର। ସରକାର ତଥା ସହୃଦୟ ବ୍ୟକ୍ତି ସହାୟତା ଯୋଗାଇ ଦେଲେ ଭାନୁଙ୍କ ଅପରେଶନ ହୋଇପାରିବ ବୋଲି ପରିବାର ଲୋକେ ଜଣାଇଛନ୍ତି।

# ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ

**ବନୀକରଣରେ ଅନିୟମିତତା**

ଭବାନୀପାଟଣା,୨୯।୬(ସ୍ୱ.ପ୍ର.)

କଳାହାଣ୍ଡି ଉତ୍ତର ବନଖଣ୍ଡ କେସିଙ୍ଗା ରେଞ୍ଜ ଅଧୀନ କସୁପଡ଼ା ସେକ୍ସନରେ ଆର୍ଥିକ ବର୍ଷ ୨୦୧୯-୨୦ ଓ ୨୦୨୦-୨୧ରେ ଗ୍ରୀନ ମହାନଦୀ ମିଶନ, କାମ୍ପା, ଆଇଜିସି, ଓଏମ ସି ସିଏସଆର୍, ସିଏସଆର୍, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା ସମସ୍ତ ବନୀକରଣ ମେଣ୍ଟେନାନ୍ସ କାମରେ ପାଖାପାଖି ୫ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଦୁର୍ନୀତି ବିରୋଧୀ ମହାସଂଘର ଆବାହକ ବିନ୍ଦୁ ମହାନନ୍ଦ ଲୋକାୟୁକ୍ତ ଓଡ଼ିଶାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସୂଚନା ଅଧିକାର ଆଇନ ବଳରେ କସୁପଡ଼ା ସେକ୍ସନର ତଥ୍ୟ ପାଇଁ ମହାନନ୍ଦ ବନଖଣ୍ଡ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଜନ ସୂଚନା ଅଧିକାରୀ କେସିଙ୍ଗା ରେଞ୍ଜ କାର୍ଯ୍ୟାଳୟକୁ ଉକ୍ତ ଆବେଦନପତ୍ରକୁ ପଠାଇଥିଲେ। ଖବର ମୁତାବକ ରେଞ୍ଜ କାର୍ଯ୍ୟାଳୟରେ ପ୍ଲାଣ୍ଟେଶନ ଜର୍ନାଲ, ନର୍ସରୀ ଜର୍ନାଲ ଏବଂ ମାପ ବହି ଉପଲବ୍ଧ ଥିବା ବେଳେ ଅନ୍ୟାନ୍ୟ ସମସ୍ତ ତଥ୍ୟ ବନଖଣ୍ଡ କାର୍ଯ୍ୟାଳୟରେ ରହିଥାଏ । କିନ୍ତୁ ବନଖଣ୍ଡ କାର୍ଯ୍ୟାଳୟରେ ସମସ୍ତ ତଥ୍ୟ ଉପଲବ୍ଧ ଥିବା ସତ୍ତ୍ୱେ ତଥ୍ୟ ପ୍ରଦାନ କରାଯାଇ ନାହିଁ। କେସିଙ୍ଗା ରେଞ୍ଜ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି ତାହା ଅସମ୍ପୂର୍ଣ୍ଣ ଓ ବିଭ୍ରାନ୍ତିକର ଥିବା ମହାନନ୍ଦ ଅଭିଯୋଗ କରିଛନ୍ତି। ଯେହେତୁ ଜନ ସୂଚନା ଅଧିକାରୀ ଏସିଏଫ ଭାବରେ ଦାୟିତ୍ୱ ନିର୍ବାହ କରି ବିଲ୍ ଭାଉଚର୍‌ରେ ଯୁଗ୍ମ ଦସ୍ତଖତ କରିଛନ୍ତି ତେଣୁ ତଥ୍ୟକୁ ଘଷ୍ଟ ଘୋଡାଉଥିବା ଲୋକାୟୁକ୍ତଙ୍କ ନିକଟରେ ସେ ଅଭିଯୋଗ କରିଛନ୍ତି। ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁଆସିବ ବୋଲିସେ କହିଛନ୍ତି।

## ବସନ୍ତ ପଣ୍ଡା ଭାଜପା ସୀମା ସୁରକ୍ଷା କମିଟି ସଭାପତି ମନୋନୀତ

ନୂଆପଡା ଅଫିସ,୨୯।୬

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡାଙ୍କୁ ଓଡିଶା ସୀମା ସୁରକ୍ଷା କମିଟି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଓଡିଶା ସୀମା ସୁରକ୍ଷା କମିଟି ସଭାପତି ହେବା ପରେ ଏମ୍‌ପି ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇଥିବା ବେଳେ ଏହା ଏକ ଭାଷାଭିତ୍ତିକ ରାଜ୍ୟ ଅଟେ। ଝାଡ଼ଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ସୀମା ସହିତ ଓଡିଶାର ସୀମା ବିବାଦ ଲାଗି ରହିଛି। ଏହିସବୁ ସୀମାର ସୁରକ୍ଷା ନିତାନ୍ତ ଆବଶ୍ୟକ। ଭାଜପା ରାଜ୍ୟ କମିଟି ମୋତେ ଦେଇଥିବା ଦାୟିତ୍ୱକୁ ସମ୍ପାଦନ କରିବା ସହ ସୀମା ବିବାଦ ସମାଧାନ ଦିଗରେ ପ୍ରୟାସ କରାଯିବ। ଓଡିଶା ସୀମା ଏବଂ ମା’ ମାଟିର ସମ୍ମାନ ପାଇଁ ଦାୟିତ୍ୱ ନିର୍ବାହ କରିବି ବୋଲି ଏମ୍‌ପି ପଣ୍ଡା ପ୍ରକାଶ କରିଛନ୍ତି।

## ଜମି ଉନ୍ନତୀକରଣ କାମରେ ପାତରଅନ୍ତର ଅଭିଯୋଗ

ଲାଠୋର, ୨୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଯୋଗାଇ ଦିଆଯାଉଥିବା ଜମି ଉନ୍ନତୀକରଣ କାମରେ ପାତରଅନ୍ତର କରାଯାଉଛି। ତୁଳା ସାହୁ, ସୁନ୍ଦର ରଣା, କପୁର ମହାନନ୍ଦ, ବୁଦ୍ଧୁ ସାହୁ, କରୁଣାକର ଭୋଇ, କୁଳ ରଣା, ଗୋବିନ୍ଦ ତାଣ୍ଡି ପ୍ରମୁଖ ଏ ନେଇ ଅଭିଯୋଗ କରିଛନ୍ତି। ଏହି ଯୋଜନାରେ ଚାଷୀଙ୍କୁ ଜମି ଉନ୍ନତୀକରଣ ପାଇଁ ୫୦ହଜାର ଟଙ୍କା ଯୋଗାଇ ଦିଆଯାଇଥାଏ। ହେଲେ କରୁଆଁଝର ପଞ୍ଚାୟତ ଅଞ୍ଚଳରେ ଯେଉଁମାନେ ଜମି ମରାମତି ପାଇଁ ଆବେଦନ କରିଛନ୍ତି ସେମାନଙ୍କୁ କାମ ନଦେଇ ଥିଲାବାଲାଙ୍କୁ କାମ ଯୋଗାଇ ଦିଆଯାଉଛି। ଫଳରେ କ୍ଷୁଦ୍ର ଚାଷୀମାନେ କାମ ନପାଇ ସମସ୍ୟାରେ ରହିଛନ୍ତି। ସେମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏନେଇ ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କୁ ପଚାରିବାରୁ ଜିଆରଏସ ନିଜ କାର୍ଯ୍ୟକୁ ସୂଚାରୁ ରୂପେ ତୁଲାଉ ନଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ବିଡିଓଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

# ଗୋସେବା କେନ୍ଦ୍ର ପାଇଁ ଭୂମିପୂଜନ

ବେହେରା,୨୯।୬(ଡି.ଏନ.ଏ.)

ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତର ବାଙ୍କିମୁଣ୍ଡାରେ ଗୋସେବା କେନ୍ଦ୍ର ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଗତ ୨୫ ତାରିଖ ଦିନ ଗ୍ରାମରେ ଗୋଣ୍ଟିଆ ଚିତ୍ତରଞ୍ଜନ ପୂଝାରୀଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ହୋଇ ରାଧାମାଧବ ଗୋ ସେବା ଅନୁଷ୍ଠାନ ନାମରେ ଏକ ୨୫ ଜଣିଆ କମିଟିଗଠନ କରାଯାଇଥିଲା। ତୁଳସୀରାମ ଅଗ୍ରୱାଲଙ୍କୁ ସଭାପତି, ଭୂପେଶ ତିୱାରୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ମଗନଲାଲ ତିୱାରୀ, ଚିତ୍ତରଞ୍ଜନ ପୂଝାରୀ ଓ ତୁଳସୀରାମ ଅଗ୍ରୱାଲଙ୍କ ଦଶ ଏକରରୁ ଅଧିକ ଜମି ଦାନରେ ଗୋଶାଳା କରାଯିବାକୁ ସ୍ଥିର ହୋଇଛି। ଏହି ଅଞ୍ଚଳ ଦେଇ ଅଧିକ ସଂଖ୍ୟାରେ ଗୋ ଚାଲାଣ ହେଉଛି। ଏଣୁ ଗୋ ସମ୍ପଦର ସୁରକ୍ଷା ଓ ବିକାଶ, ଜୈବିକ ଖତ ପ୍ରସ୍ତୁତି ଇତ୍ୟାଦି ଉପରେ ଗୁରୁତ୍ୱ ଦିଆ ଯିବାକୁ କମିଟି ପ୍ରାଧାନ୍ୟ ଦେବ ବୋଲି ସଭାପତି ତୁଳସୀରାମ ଅଗ୍ରୱାଲ ପ୍ରକାଶ କରିଥିଲେ।

## ନିର୍ମାଣାଧୀନ ସ୍କୁଲଗେଟ୍‌ରେ ପୁରୁଣା ଗ୍ରିଲ୍


ନିର୍ମାଣାଧୀନ ଗେଟ୍‌ରେ ଲଗାଯାଇଥିବା ପୁରୁଣା ଗ୍ରୀଲ।

ଲାଠୋର, ୨୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନିର୍ମାଣାଧୀନ ଗେଟ୍‌ରେ ପୁରୁଣା ଗ୍ରିଲ ଲଗାଯାଉଥିବା ଅଭିଯୋଗ ହେଉଛି। ଖପ୍ରାଖୋଲ ପଞ୍ଚାୟତ ସମିତିରୁ ବିଦ୍ୟାଳୟରେ ନୂଆ ଗେଟ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୧ ଲକ୍ଷ ୭୦ ହଜାର ଟଙ୍କାରେ ଏବେ କାମ କରାଯାଉଛି। କାମ ଦାୟିତ୍ୱରେ ଥିବା ବ୍ୟକ୍ତି ନୂଆ ଗ୍ରିଲ ଲଗାଇବା ଯାଗାରେ ପୁରୁଣା ଗେଟକୁ ସେଠାରେ ଲଗାଇଛନ୍ତି। ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ରାଉତଙ୍କୁ ପଚାରିବାରୁ କହିଛନ୍ତି ଯେ, ଅଭିଯୋଗ ପରେ ନୂଆ ଗ୍ରିଲ ବ୍ୟବହାର ପାଇଁ କହିଥିଲି। ହେଲେ ସେହି ଅନୁଯାୟୀ କାମ ହେଉ ନଥିବାରୁ ବିଲ୍ ବନ୍ଦ କରାଯାଇଛି ବୋଲି କହିଛନ୍ତି।

## ବିଡିଓଙ୍କ ସହ ଆଲୋଚନା କଲା ଗାଁସାଥୀ ସଂଘ

ଖପ୍ରାଖୋଲ, ୨୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଗାଁସାଥୀ ସଂଘ ବିଭିନ୍ନ ସମସ୍ୟା ନେଇ ବିଡିଓ ପ୍ରଭାତ କୁମାର ସାହୁଙ୍କ ଆଲୋଚନା କରିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ ପାଇଁ ଗାଁ ସାଥୀମାନେ କାର୍ଯ୍ୟ କରୁଥିବାବେଳେ ଅନେକ ସମୟରେ ସେମାନଙ୍କ ବିରୋଧରେ ରାଜନୈତିକ ଉଦ୍ଦେଶ୍ୟ ରଖି ମିଛ ଅଭିଯୋଗ ଆଣୁଥିବା ଅଭିଯୋଗ କରାଯାଇଥିଲା। ସମସ୍ୟା ଶୁଣିଲା ପରେ ସମସ୍ତ ଶ୍ରମିକ ଏବଂ ଜନସାଧାରଣଙ୍କ ସହ ଉତ୍ତମ ସମ୍ପର୍କ ରଖି କାମ କରିବାକୁ ବିଡିଓ ଗାଁସାଥୀଙ୍କୁ କହିଥିଲେ। ଏହି ଅବସରରେ ସହକାରୀ ଯନ୍ତ୍ରୀ ସୋମ୍ୟକିଶୋର ଜୟପୁରିୟା, ଏପିଓ ସୁଧାଂଶୁ କୁମାର ମେହେର, ଗାସାଥୀ ସଂଘ ସଭାପତି ତପିନ୍ଦ୍ର ସୁନା, ଉପସଭାପତି ବିନୋଦ ପଧାନ, ବୈଜୟନ୍ତି ସରାଫ୍, ସହସମ୍ପାଦକ ସରୋଜ ସାହୁ, ନରେଶ ବେହେରା, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ଦୀପ୍, ଦୀପକ କୁମାର ଭୋଇଙ୍କ ସମେତ ଶତାଧିକ ଗାଁସାଥୀ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ


ବୈଠକରେ ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀ ସଂଘ ସଦସ୍ୟମାନେ।

**ଶିବାନନ୍ଦ ପରିଛା ଡିଭିଜନ ସମ୍ପାଦକ ମନୋନୀତ**

ପାଟଣାଗଡ/ଖପ୍ରାଖୋଲ, ୨୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲାପାଟଣାଗଡ ବ୍ଲକ ମରୁଆଁ ପଞ୍ଚାୟତ ଅନ୍ତର୍ଗତ ପାଢେଲ ହିଚେରୀଠାରେ ପାଟଣାଗଡ ଡିଭିଜନ କେନ୍ଦୁପତ୍ର କର୍ମଚାରୀ ସଂଘର ବୈଠକ ମଙ୍ଗଳବାର ଚିତ୍ରସେନ ବଗର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପଦ୍ମପୁର ପୂର୍ବତନ ବିଧାୟକ ତଥା କେନ୍ଦୁପତ୍ର କର୍ମଚାରୀ ସଂଘ ପଦ୍ମପୁର ଡିଭିଜନ ସଂଯୋଜକ ପ୍ରଦୀପ ପୁରୋହିତ, ମୁଖ୍ୟବକ୍ତା ଖଡିଆଳ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ କୋକିଲ ସାହୁ ଯୋଗଦେଇଥିଲେ। ପ୍ରଥମେ ସଂଘର ରାଜ୍ୟ ଉପସଭାପତି ସ୍ୱର୍ଗତ କିଶୋର ପରିଛାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ପାଟଣାଗଡ ଡିଭିଜନ ଅଞ୍ଚଳରେ ଦୀର୍ଘଦିନ ଧରି କେନ୍ଦୁପତ୍ର କର୍ମଚାରୀଙ୍କ ନେତୃତ୍ୱ ନେଇଆସୁଥିବା କିଶୋର ପରିଛାଙ୍କ ଅକାଳ ବିୟୋଗ ଯୋଗୁଁ ଅନେକ ସମସ୍ୟା ଦେଖାଦେଉଥିବା ଉପସ୍ଥିତ କର୍ମକର୍ତ୍ତାମାନେ କହିଥିଲେ। ସମସ୍ୟାର ସମାଧାନ ପାଇଁ ଡିଭିଜନ ସମ୍ପାଦକଭାବେ ସ୍ୱର୍ଗତ ପରିଛାଙ୍କ ପୁଅ ଶିବାନନ୍ଦ ପରିଛାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। କେନ୍ଦୁପତ୍ର ତୋଳାଳିଙ୍କ ପାଉଣା, ଚେକର ମୁନସୀଙ୍କ ପାଉଣା ମିଳି ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ବେହେରା, ଧ୍ରୁବ ଚାନ୍ଦ, ମକାରୁ ପଣ୍ଡା, ନୀଳମଣି ବୁଡେକ, ଶିବ ପଟ୍ଟନାୟକ, ତିଳ ବାଗ୍, କାଶିପ୍ରସାଦ ସାହୁ, ଦ୍ରୋଣ ବନଛୋର, ତୀର୍ଥ ଯୁଏଡ, ରାଜୀବ ବିଶ୍ୱାଳ ପ୍ରମୁଖ ଧଣ୍ଡାମୁଣ୍ଡା, ଖପ୍ରାଖୋଲ, ପାଟଣାଗଡ, ଯୋଗୀମୁଣ୍ଡା, କଣ୍ଟାବାଞ୍ଜି, ବେଲପଡା, ଭୁତିଆରବାହାଲ ପ୍ରମୁଖ ରେଞ୍ଜ ଅଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। କୋକିଳ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଧ୍ରୁବ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।


## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡ଼ା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଡେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡ଼ା, କୃଷ୍ଣଚୂଡ଼ା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡ଼ା, ଆମ୍ବ, ସିମାରୁବା, ଅର୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡ଼ା, ପଣସ, ପିଜୁଳି, ରାଧାଚୂଡ଼ା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାସୁଁଆଁ ନର୍ସରୀ | ଅଁଳା, ଅର୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼